# <u>ରାହାଗିରିରେ ପିକକ୍</u>

# ବିଶ୍ୱ ଜୈବିକ ବିବିଧତା ଦିବସ ପାଳନ - ମୁଖ୍ୟ ସ୍ରୋତରେ ଜୈବ ବିବିଧତା - ଲୋକମାନଙ୍କୁ ତଥା ସେମାନଙ୍କର ଜୀବିକାକୁ ନିରନ୍ତର ଭାବରେ ବଜାୟ ରଖିବା

ରବିବାର ଦିନ ରାହାଗିରି କାର୍ଯ୍ୟକ୍ରମରେ ସହରର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଅଂଶଗ୍ରହଣ କରିଥିଲା, ଯାହାର ମୁଖ୍ୟ ବିଷୟବସ୍ତୁ ଥିଲା କେୟାର ଫର୍ ଚେଞ୍ଜ । ଏହି ଅବସରରେ **ମେ ୨୨** ତାରିଖ **ବିଶ୍ୱ ଜୈବିକ ବିବିଧତା ଦିବସ** ଉପଲକ୍ଷେ ପିକକ୍ ଓ ରୋଟାରୀ କ୍ଲବ ଅଫ୍ ହେରିଟେଜ ଭୁବନେଶ୍ୱର ପକ୍ଷରୁ ଅନେକ ବିଖ୍ୟାତ ଚିତ୍ରଶିଳ୍ପୀ ନିଜର ଚିତ୍ରକଳା ମାଧ୍ୟମରେ ଜୈବ ବିବିଧତା ଉପରେ ସେମାନଙ୍କର ଚିତ୍ର ପ୍ରଦର୍ଶନ କରିଥିଲେ । ଏ ବର୍ଷ ଏ ଦିବସର ବାର୍ତ୍ତା ଅଛି ମୁଖ୍ୟ ସ୍ରୋତରେ ଜୈବ ବିବିଧତା – ଲୋକମାନଙ୍କୁ ତଥା ସେମାନଙ୍କର ଜୀବିକାକୁ ନିରନ୍ତର ଭାବରେ ବଜାୟ ରଖି ଏକ କ୍ଷୁଧାମୁକ୍ତ ପୃଥିବୀ ପାଇଁ ଆହ୍ୱାନ ଦେବା । ଏଥିରେ ଶିଶୁମାନଙ୍କ ନିମନ୍ତେ  ଚିଲଡ୍ରେନ କର୍ଣ୍ଣର- ସୋ ଇୟୋର ଟ୍ୟାଲେଣ୍ଟ  କାର୍ଯ୍ୟକ୍ରମରେ ବହୁ ଶିଶୁମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ । ପିଲାମାନଙ୍କ ପାଇଁ  ଏକ କୁଇଜ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ଏତଦ୍ ବ୍ୟତୀତ, ଶିଶୁମାନଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ।